ପ୍ରଜାତନ୍ତ୍ର
The Prajatantra

# ଇନଭେଷ୍ଟ ଭୁବନେଶ୍ୱର ପକ୍ଷରୁ 'ଓଡ଼ିଶା ସିମପୋସିଜମ୍ ୨୦୧୦'ର ଆୟୋଜନ

ଭୁବନେଶ୍ୱର(ପିପିଏସ୍): ଓଡ଼ିଶାରେ ବୈଦେଶିକ ପୁଞ୍ଜିବିନିଯୋଗ ସୁଯୋଗ ସୃଷ୍ଟି ନିମନ୍ତେ ଇନଭେଷ୍ଟ ଭୁବନେଶ୍ୱର ପକ୍ଷରୁ ଓଡ଼ିଶା ସିମପୋସିଜମ୍ ୨୦୧୦ର ଆୟୋଜନ କରାଯାଇଛି । ବିଶ୍ୱର ୬ ଟି ପ୍ରମୁଖ ଯେପରି ଇନଫ୍ରାଷ୍ଟ୍ରକଚର , ଆଇଟି, ଟୁରିଜିମ୍ , ପାୱାର ଏବଂ କ୍ଲିନଟେକ୍ , ଏଗ୍ରୀ ଏବଂ ଫୁଡ୍ ପ୍ରୋସେସିଂ ଏବଂ ଉଚ୍ଚ ଶିକ୍ଷାର ଶିଳ୍ପଦ୍ୟୋଗି ମାନଙ୍କୁ ଏକଜୁଟ୍ କରାଯିବ । ଏହି କାର୍ଯ୍ୟକ୍ରମରେ ଇନଭେଷ୍ଟ ଭୁବନେଶ୍ୱର ଫୋରମକୁ ସହଯୋଗ କରୁଛନ୍ତି ଓଡ଼ିଶା ସରକାର , ସିଲିକନ୍ ଭାଲେ, ଦ ଗ୍ଲୋବ୍ ।

'ଓଡ଼ିଶା ସିମପୋସିଜମ୍ ୨୦୧୦ ମେଗା ସମ୍ମିଳନୀ ହୋଟେଲ୍ କ୍ରାଇନ୍ ଠାରେ ଡିସେମ୍ବର ୧୮ ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ହେବ । ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇ ଇପିକଲ୍ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ , ଶ୍ରୀଯୁକ୍ତ ସିକେ ଭେନୁଗୋପାଲ୍ କହିଛନ୍ତି ଯେ ଆମେରିକା , ଜାପାନ, ତାଇୱାନ୍, ଇସ୍ରାଏଲ୍ , ୟୁକେ ଏବଂ ସ୍ପେନର ୫୦ ରୁ ୬୦ ମୁଖ୍ୟ ପୁଞ୍ଜିନିବେଶକାରୀ ଏହି. କାର୍ଯ୍ୟକ୍ରମରେ ଯୋଗଦେବେ । ଏହା ସହିତ ସିଲିକନ୍ ଭାଲେ ଭଜିନାରି ଡ ପ୍ରଭୁ ଗୋଏଲ୍ ,ଟାଇ ଆଞ୍ଚେଲର ପ୍ରତିଷ୍ଠାତା , ଭେଙ୍କ ଶୁକଲା, ଜାପାନ ଏକ୍ସଟରନାଲ୍ ଟ୍ରେଡ୍ ଅରଗାନାଇଜେସନ୍ ପ୍ରତିନିଧି ପ୍ରକାଶ ଭଲେରାଓ ସମେତ ଅନ୍ୟାନ୍ୟ ବୃହତ ଶିଳ୍ପବିତମାନେ ଶିଳ୍ପବିତମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ରବି ନାରାୟଣ ବସ୍ତିଆ ଏବଂ ସେଣ୍ଟ୍ରାଲ୍ ବ୍ୟାଙ୍କରୁ ମୁଖ୍ୟ ପରିଚାଳକ, ଏସ୍ ଶ୍ରୀଧର ଯୋଗ ଦେବେ ।

ଇନଭେଷ୍ଟ ଭୁବନେଶ୍ୱରର ଆବାହକ ପୂର୍ଣ୍ଣ ମହାନ୍ତି କହିଛନ୍ତି ଯେ ଚଳିତ ବର୍ଷ ଜୁଲାଇ ୧ ତାରିଖରେ ଆମେରିକାର ପାଲୋ ଅଲଟୋ ଠାରେ ଇନଭେଷ୍ଟ ଭୁବନେଶ୍ୱର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି ଆଲୋଚନା ଚକ୍ର ହେଉଛି ତାହାରି ପରବର୍ତ୍ତୀ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ମାନ୍ୟବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯିବ । ଆହୁରି ମଧ୍ୟ ସେ ଜଣାଇଛନ୍ତି ଯେ ଏଥିରେ ଆମକୁ ଉତ୍କଳ ଚାମ୍ବରସ ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି, ଏକ୍ସଆଇଏମବି, ଆଇଆଇଟି ଭୁବନେଶ୍ୱର, ଇପିକଲ୍ ସାହାଯ୍ୟ କରୁଛି ।

ଅନୁଷ୍ଠିତ ହେବାକୁ ଥିବା ଆଲୋଚନା ଚକ୍ର ସ୍ଥାନୀୟ ଏବଂ ରାଜ୍ୟର ଶିଳ୍ପୋଦ୍ୟୋଗି ମାନଙ୍କୁ ସେମାନଙ୍କର ଶିଳ୍ପ ବିକାଶ ଦିଗରେ ଯଥେଷ୍ଟ ସହାୟକ ହେବ ବୋଲି ଇନଭେଷ୍ଟ ଭୁବନେଶ୍ୱରର ଆବାହକ ଧନଦା କୁମାର ମିଶ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମ କରିବାର ଆମର ଏକମାତ୍ର ଲକ୍ଷ୍ୟ 'ଓଡ଼ିଶା ଏକ ପୁଞ୍ଜି ନିବେଶ କରିବାର ଉତ୍କୃଷ୍ଟ ସ୍ଥାନ ତାହା ପ୍ରମାଣ କରିବା ।

Publication:Prajatantra
Headline:Odisha Symposium 2010 from 18th Dec.To Promote Brand Odisha
Date:19.12.10
Page:10